بسم الله الرحمٰن الرحیم

ଖୁତବା ଜୁମା୧୭ ମଇ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ମୁବାରକ୍ ଇସଲାମାବାଦ୍, ଟେଲଫୋର୍ଡ଼(ବ୍ରିଟେନ୍)

**ଅଲ୍ଲାଃତାଲା ଆମମାନଙ୍କୁ ପୃଥିବୀର ସେହ ସ୍ଥଳ ଭାଗରେ ଧାର୍ମିକ କେନ୍ଦ୍ର ସ୍ଥାପନ କରବାର ସାମର୍ଥ୍ୟ ପ୍ରଦାନ କଲେ ଯେଉଁଠି ଏକେଶ୍ୱର ରୂପୀ ଅଲ୍ଲାଃତାଲାଙ୍କର ଉପାସନା ଠାରୁ ଲୋକମାନେ ସଂପୂର୍ଣ୍ଣ ରୂପେ ନବୃତ୍ତ ହୋ ଦୂରେଇ ଯାଇଥିଲେ ଏବଂ ସେହ ଭୂମିରେ ଅଲ୍ଲାଃତାଲାଙ୍କ ସହତ ଅନ୍ୟକୁ ସମକକ୍ଷ କରାଯାଉଥିଲେ, ସେହ ଭୂମିରେ ଶିର୍କ୍ ବହୁଳଭାବରେ ପରବ୍ୟାପ୍ତ ହୋଇଥିଲା। ଆଜ ଏହ ସ୍ଥାନରୁ ଏକ ନୂତନ ସଂକଳ୍ପ ନେଇ ଏକେଶ୍ୱରବାଦର ପ୍ରଚ୍ରର ନମନ୍ତେ ପ୍ରଚେଷ୍ଟା କରନ୍ତୁ ଏବଂ ଆଁହଜ଼ରତ୍ ସ.ଅଙ୍କର ନଷ୍ଠାପର ଦାସ ବା ସେବକଙ୍କର ମିଶନକୁ ପୂର୍ଣ୍ଣ କରବା ପାଇଁ ଉଦ୍ୟମ କରନ୍ତୁ । ପୁନଶ୍ଚ ସେହ ଦବସର ଆଗମନ ହେବାକୁ ଅଛ ଯେତେବେଳେ କ ଗ୍ରାମ୍ୟମାନଙ୍କରୁ ଗ୍ରାମ୍ୟ ଯାଏଁ ଏବଂ ସହରରୁ ସହର ଯାଏଁ ସମସ୍ତେ ସେହ ଏକେଶ୍ୱରରୂପୀ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦାର ଘୋଷଣା କରୁଥିବେ ।**

ସୟେଦିନା ହୁଜୁର୍ ଅନୱର୍ ଅ.ବ ମସଜିଦେ ମୁବାରକ୍, ଇସଲାମାବାଦର ଉଦଘାଟନୀ ଅବସରରେ ସଜଦା ଶୁକୁର୍ କରିବା ଅନ୍ତେ ଚିରାଚରିତ ଭାବେ ଖୁତବା ଜୁମା ଉପସ୍ଥାପନ କଲେ ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ ନିମ୍ନୋକ୍ତ ପବିତ୍ର କୁରାନୀୟ ପଂକ୍ତିର ପାଠ କରି ଏହାର ଅନୁବାଦ ଉପସ୍ଥାପନ କଲେ : **କୁଲ୍ ଅମର ରବ୍ବି ବଲ୍ କ୍ୱିସ୍ତି ଵ ଅକ୍ୱିମୁ ୱୁଜୁ ହକୁମ୍ ଇନ୍ଦା କୁଲ୍ଲି ମସଜଦନ୍ ୱଦ୍‌ଉହୁ ମୁଖଲସିନା ଲହୁଦ୍ଦିନା କମା ବଦାଅକୁମ୍ ତଉଦୁନା ଫରକନ୍ ହଦା ଵ ଫରକ୍ୱନ୍ ହକ୍କା ଅଲୈହିମୁଜ୍ ଜ଼ଲାଲହ୍ । ଇନ୍ନହୁମୁତ୍ତଖଜୁଶ୍ ଶୈୟାତନା ଅୱଲିୟାଆ ମିନ୍ ଦୁନଲ୍ଲାହ୍ ଵ ୟହ୍ ସବୁନା ଅନ୍ନହୁମ୍ ମୁହ୍ ତଦୁନ୍** ***(ସୁରତୁଲ୍ ଆରାଫ୍ ୩୦-୩୨)***
ଉପରୋକ୍ତରେ ବର୍ଣ୍ଣିତ ଆୟତର ଅନୁବାଦ ହେଲା, *(ତୁମ୍ଭେ) କୁହ ଆମ୍ଭର ପାଳନକର୍ତ୍ତା ନ୍ୟାୟ କରିବା ପାଇଁ ଆମ୍ଭଙ୍କୁ ନ୍ୟାୟର ଆଦେଶ ଦେଇଛନ୍ତି ଯେ, ପ୍ରତ୍ୟେକ ଉପାସନା ସ୍ଥାନ (ଓ ସମୟ)ରେ ନିଜର ଧ୍ୟାନ ଠିକ୍ କରିନିଅ ଓ ଅଲ୍ଲାଃଙ୍କୁ ହିଁ ଉପାସନା ଯୋଗ୍ୟ ମନେକରି ତାହାଙ୍କୁ ଡ଼ାକ ; ଯେପରି ସେ ତୁମମାନଙ୍କୁ ପ୍ରଥମ ସୃଷ୍ଟି କରିଥିଲେ ସେହିପରି ଅବସ୍ଥାରେ ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରିବାକୁ ହେବ । ସେ ଗୋଟିଏ ଦଳକୁ ପଥପ୍ରଦର୍ଶନ କରିଛନ୍ତି ଏବଂ ଅନ୍ୟ ଏକ ଦଳ ପାଇଁ ପଥଭ୍ରଷ୍ଟତା ସିଦ୍ଧ ହୋଇଛି ; ସେମାନେ ଅଲ୍ଲାଃଙ୍କୁ ପରିତ୍ୟାଗ କରି ଶୈତାନକୁ ବନ୍ଧୁ ରୂପେ ଗ୍ରହଣ କରିଛନ୍ତି ଏବଂ ସେମାନେ ମନେ କରନ୍ତି ଯେ, ସେମାନଙ୍କୁ ସତ୍‌ପଥ ପ୍ରାପ୍ତ ହୋଇଛି । ହେ ଆଦମଙ୍କ ସନ୍ତାନମାନେ ! ତୁମେମାନେ ପ୍ରତ୍ୟେକ ଉପାସନା ସ୍ଥାନ ଓ ସମୟରେ ଭୂଷଣ ସାମଗ୍ରୀ ଧାରଣ କର ଓ ମନ ନିର୍ମଳ କର ଏବଂ ଭୋଜନ କର ଓ ପାନ କର ଏବଂ ଅପବ୍ୟୟ କର ନାହିଁ, କାରଣ ସେ ଅର୍ଥାତ୍ ଅଲ୍ଲାଃ ଅପବ୍ୟୟକାରୀମାନଙ୍କୁ ପସନ୍ଦ କରନ୍ତି ନାହିଁ ।*

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଅଲହମଦୁ ଲିଲ୍ଲାଃ ଅଲ୍ଲାଃତାଲା ଆମମାନଙ୍କୁ ଆଜି ଇସଲାମାବାଦ୍ ସ୍ଥିତ ମସଜିଦରେ ନମାଜ୍ ପଢିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଯେପରି ଆଜି ଆମେ ବିଧିବଦ୍ଧ ଏବଂ ଔପଚାରିକ ରୂପେ ଏହି ଜୁମା ଅର୍ଥାତ୍ ଶୁକ୍ରବାର ଦିବସରେ ମସଜିଦର ଶୁଭୋଦଘାଟନ କରୁଅଛୁ । କିନ୍ତୁ ବ୍ୟାବହାରିକ ରୂପେ ମୋର ଏହି ସ୍ଥାନକୁ ସ୍ଥାନାନ୍ତରଣ ହେବା ମାତ୍ରେ ନମାଜ୍ ଏବଂ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକର ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଯାଇଥିଲା । ଅଲ୍ଲାଃତାଲାଙ୍କ କୃପାରୁ ବିଗତ ଦଶ ପନ୍ଦର ବର୍ଷ ମଧ୍ୟରେ ମସଜିଦଗୁଡ଼ିକର ନିର୍ମାଣ ସଂକ୍ରାନ୍ତରେ ଜମାଅତର ବିଶେଷରୂପେ ଧ୍ୟାନ ଆକର୍ଷଣ ହୋଇଛି । ଏହି ମସଜିଦ୍ ଯାହାର ନାମ ମୁଁ "ମସଜିଦେ ମୁବାରକ୍" ସ୍ଥିର କରିଛି ଏହାର ସୂତ୍ରପାତ ଏପରି କି ଯେ, ଉପସ୍ଥିତ ଖଲିଫାଙ୍କର ଏହିଠାରେ ହିଁ ନିବାସ ରହିଛି । କେତେକ ସେବାରତ କର୍ମୀମାନେ ମଧ୍ୟ ଏଠାରେ କାର୍ଯ୍ୟ ସଂପାଦନ କରିବା ସଙ୍ଗେସଙ୍ଗେ ବସବାସ କରୁଛନ୍ତି ଏବଂ ସମସ୍ତ ଆବଶ୍ୟକୀୟ କାର୍ଯ୍ୟାଳୟମାନ ଯାହାର ମୁଁ ଦୈନନ୍ଦିନ ରୂପେ ସମ୍ମୁଖୀନ ହେଉଛି ସେଗୁଡ଼ିକ ମଧ୍ୟ ଏହିଠାରେ ଅବସ୍ଥିତ । ଅର୍ଥାତ୍ ଏହି ଦୃଷ୍ଟିକୋଣରୁ ଉକ୍ତ ସ୍ଥାନଟି ଏବଂ ଉକ୍ତ ମସଜିଦ୍ କେନ୍ଦ୍ରୀୟ ମସଜିଦ୍ ରୂପେ ପରିଗୃହୀତ ବା ମହତ୍ତ୍ୱାଧାକାରୀ ରୂପେ ବିବେଚିତ ହୋଇପାରିଛି । ଅଲ୍ଲାଃତାଲା କରନ୍ତୁ କି ଉକ୍ତ ମସଜିଦଟି ଉପରୋକ୍ତ ଦୃଷ୍ଟିକୋଣାନୁଯାୟୀ ମସଜିଦେ (କାଦିୟାନ୍) ସହିତ ସମତୁଲ୍ୟ ହେଉ ଏବଂ ଅଲ୍ଲାଃତାଲାଙ୍କର କୃପାଲାଭକୁ ଆକର୍ଷିତ ସମର୍ଥ ହୋଇ ମଙ୍ଗଳମୟ ସାବ୍ୟସ୍ତ ହେଉ । ଆମିନ୍ । ଯେତେବେଳେ ଉକ୍ତ ମସଜିଦର ନାମ ଧାର୍ଯ୍ୟ ସଂପର୍କରେ ଆଲୋଚନା ଚାଲିଥିଲା ସେତେବେଳେ ହଠାତ୍ ମୋ ସାମ୍ନାକୁ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର ଏକ ଇଲହାମ୍ ବା ଦୈବ୍ୟବାଣୀ ମନେପଡ଼ିଗଲା ଯଦ୍ୱାରା ଏହି ମସଜିଦର ଏହିପରି ନାମକରଣ ହୋଇଛି । ସେହି ଦୈବ୍ୟବାଣୀ ଏହିପରି ଅଟେ ଯେ, **"ମୁବାରକୁନ୍ ଵ ମୁବାରକୁନ୍ ଵ କୁଲ୍ଲୁ ଅମ୍ ରନ୍ ୟୁଜ୍‌ଅଲୁ ଫିହ୍"**। ହଜ଼ରତ୍

ମସିହ୍ ମଉଦ୍ ଅ.ସଙ୍କ ପ୍ରଦତ୍ତ ଉକ୍ତ ପବିତ୍ର ଦୈବ୍ୟବାଣୀର ଅନୁବାଦ ହେଲା ଯେ, ଉକ୍ତ ମସଜିଦଟି ମଙ୍ଗଳପ୍ରଦ ଏବଂ ମଙ୍ଗଳପ୍ରାପ୍ତ ଏବଂ ପ୍ରତ୍ୟେକ ମଙ୍ଗଳମୟ କାର୍ଯ୍ୟ ଏହି ମସଜିଦରେ ସଂପାଦିତ ବା ସମାହିତ ହେବ । ଅଲ୍ଲାଃତାଲା କରନ୍ତୁ କି ଯେଉଁ ଦୁଆ ହଜ଼ରତ୍ ମସିହ୍ ମଉଦ୍ ଅ.ସ କାଦିୟାନର ମସଜିଦ୍ ମୁବାରକରେ କରିଥିଲେ ଏବଂ ଆପଣଙ୍କର ଇସଲାମର ପ୍ରଚାର ପ୍ରସାର ଏବଂ ବିଜୟ ପ୍ରାପ୍ତ କରିବା ଦିଗରେ ଯେଉଁ ଅଭିଳାଷା ତଥା ତୀବ୍ର ଉତ୍କଣ୍ଠା ରହିଥିଲା ତାହା ଉକ୍ତ ମସଜିଦକୁ ମଧ୍ୟ ପ୍ରାପ୍ତ ହେଉ । ଉକ୍ତ କେନ୍ଦ୍ରୀୟ ସ୍ଥଳକୁ ନବାଗମନ ରୂପେ ପ୍ରବେଶ କରିବା ପ୍ରତ୍ୟେକ ଦୃଷ୍ଟିକୋଣରୁ ମଙ୍ଗଳମୟ ସାବ୍ୟସ୍ତ ହେଉ ଏବଂ ଖିଲାଫତେ ଅହମଦିୟା ରତଫରୁ ପ୍ରକାଶିତ ହେବାକୁ ଥିବା ସମସ୍ତ ଯୋଜନାଗୁଡ଼ିକ ଅଲ୍ଲାଃତାଲା କୃପା ଓ କରୁଣା ଏବଂ ମଙ୍ଗଳକୁ ଶ୍ଳେଷଣ କରିବାକୁ ସର୍ବଦା ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସହ ସଂଶ୍ଳୀଷ୍ଟ ଯେଉଁ ବରକତଗୁଡ଼ିକ ଥିଲା ସେସବୁ ଉକ୍ତ ମସଜିଦକୁ ମଧ୍ୟ ପ୍ରାପ୍ତ ହେଉ । ଅଲ୍ଲାଃତାଲା ସେହି ବିସ୍ତୃତ ବରକତକୁ ମଧ୍ୟ ଆହୁରି ଅଭିବୃଦ୍ଧି କରି ଚାଲନ୍ତୁ । ଶତ୍ରୁମାନେ ନିଜର କୁଧାରଣାରେ ଯେଉଁ କୃପା ଏବଂ ବରକତଗୁଡ଼ିକ ଆମମାନଙ୍କ ଠାରୁ ଛଡ଼ାଇ ନେବା ପାଇଁ ଉଦ୍ୟମ କରିଥିଲେ ସେହି ବରକତଗୁଡ଼ିକ ଅଲ୍ଲାଃତାଲା ଆମମାନଙ୍କୁ (ପୁନର୍ବାର) ପ୍ରଦାନ କରିଛନ୍ତି ଏବଂ ଉକ୍ତ ମସଜିଦ୍ ଏବଂ ଉକ୍ତ କେନ୍ଦ୍ରରୁ ସେହିସବୁ ଉନ୍ନତି ତଥା ବିକାଶ ପୂର୍ବାପେକ୍ଷା ଏବଂ ଆହୁରି ଅଧିକ ଦୃଶ୍ୟାବଲୋକନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରି ଚାଲନ୍ତୁ । ଜମାଅତ୍ ଅହମଦିୟାର ଉନ୍ନତି ଅଲ୍ଲାଃତାଲାଙ୍କ କୃପାରୁ ହେଉଅଛି । ଯେପର୍ଯ୍ୟନ୍ତ ଆମେମାନେ ଅଲ୍ଲାଃତାଲାଙ୍କ ପ୍ରଦତ୍ତ ଆଦେଶାବଳୀ ଅନୁଯାୟୀ ଚାଲିବା ପାଇଁ ଏବଂ ଅଲ୍ଲାଃତାଲାଙ୍କ କୃପାଲାଭ ବା କରୁଣା ଲାଭ ପାଇଁ ଉଦ୍ୟମ କରୁଥିବା ସେପର୍ଯ୍ୟନ୍ତ ଆମେମାନେ ଅଲ୍ଲାଃତାଲାଙ୍କର କୃପା ଓ କରୁଣା ଲାଭ କରିବାରେ ସକ୍ଷମ ହୋଇ ଉକ୍ତ ଉନ୍ନତିର ଏକ ଅଂଶବିଶେଷ ହୋଇପାରିବା । ସୁତରାଂ ଆମମାନଙ୍କୁ ସର୍ବଦା ନିଜର ଆତ୍ମସମୀକ୍ଷା କରିବା ଉଚିତ୍ । ଅଲ୍ଲାଃତାଲା ଯେଉଁ ଅହମଦିମାନଙ୍କୁ ଏହି ନୂତନ ବସ୍ତିରେ ରହିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏବଂ ଯେଉଁ ଲୋକମାନେ ଏହି ନୂତନ ଜନବସତିର ଆଖପାଖରେ ବସତି ସ୍ଥାପନ କରୁଛନ୍ତି ବା କରିବାକୁ ଯାଉଛନ୍ତି । ସେମାନଙ୍କୁ ଏହି ପ୍ରଚେଷ୍ଟା କରିବା ଦରକାର ଯେ, ସେମାନଙ୍କୁ ନିଜର ଅବସ୍ଥାକୁ ଏଭଳି ଭାବରେ ଗଢିତୋଳିବା ଦରକାର ଯେ, ଉକ୍ତ ଅଞ୍ଚଳରେ ଅହମଦିୟତ୍ ଏବଂ ଇସଲାମର ବାସ୍ତବିକ ଚିତ୍ରପଟ ଲୋକମାନଙ୍କୁ ଦୃଶ୍ୟମାନ ହେଉ । ବର୍ତ୍ତମାନ ଏଠାରେ ବସବାସ କରୁଥିବା ଲୋକମାନଙ୍କୁ ଏକ ନୂତନ ପରିଚୟ ମିଳିଛି । ତେଣୁ ଏଠାକାର ସ୍ଥାନୀୟ ଅଧିବାସୀମାନେ ମଧ୍ୟ ଆମମାନଙ୍କୁ ଅନ୍ୟ ଦୃଷ୍ଟିରେ ଦେଖିବେ । ସୁତରାଂ ଏହି କାରଣରୁ ନିଜର ଚାରିତ୍ରିକ ନମୁନା ବା ଆଦର୍ଶକୁ ପୂର୍ବାପେକ୍ଷା ଅଧିକ ସୁସଜ୍ଜିତ ଏବଂ ମାର୍ଜିତ କରି ଗଢିତୋଳିବାର ମଧ୍ୟ ଆବଶ୍ୟକତା ରହିଛି । କାରଣ ଏହାଦ୍ୱାରା ସେମାନଙ୍କ ଉପରେ ସୁପ୍ରଭବ ପଡ଼ିବ ।

ହୁଜୁର୍ ଅନୱର୍ ଅ.ବ୍ କହିଲେ ଯେ, ଉପରେ ବର୍ଣ୍ଣିତ ଯେଉଁ ଆୟତର ମୁଁ ଆବୃତ୍ତି କରିଛି ତହିଁରେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯଦି ତୁମେ ଅଲ୍ଲାଃତାଲାଙ୍କର କରୁଣା ଲାଭ କରିବାକୁ ଇଚ୍ଛୁକ ତେବେ ନିଜର ଧର୍ମୀୟ ନିଷ୍ଠାକୁ କେବଳ ଅଲ୍ଲାଃତାଲାଙ୍କ ସକାଶେ ବା ଉଦ୍ଦେଶ୍ୟରେ ହିଁ ପରିପୂରଣ କରି ତାଙ୍କୁ ପ୍ରତି ବ୍ରତୀ ହୁଅ । ଯଦି ତୁମେ ଏପରି ନକରିବ ତେବେ ତୁମର ଉନ୍ନତି ଘଟିବ ନାହିଁ । ବରଂ ତୁମେ ପଥଭ୍ରଷ୍ଟର ଗର୍ତ୍ତରେ ପଡ଼ିବ । ତେଣୁ ମସଜିଦର ଯେଉଁ ସକଳ ତଥା ସର୍ବାଙ୍ଗୀନ ପବିତ୍ରମୟ ଉଦ୍ଦେଶ୍ୟ ରହିଛି ତାହାକୁ ଯଥୋଚିତ ରୂପେ ପୂରଣ କରିବାକୁ ପଡ଼ିବ । ତେବେ ଯାଇ ଆମେ ଅଲ୍ଲାଃତାଲାଙ୍କ ତରଫରୁ ପୁରସ୍କାର ପ୍ରାପ୍ତ କରିବାର ଅଧିକାରୀ ହୋଇ ପୁରସ୍କୃତ ହୋଇପାରିବା ।

ଆଜିକାଲି ଯେଉଁଠାରେ ଅହମଦିୟତର ଶତ୍ରୁମାନେ ନିଜର ଅନ୍ୟାୟ ଓ ଅତ୍ୟାଚାରରେ ତଥା ଅପଶବ୍ଦ ଏବଂ ଅପମାନଜନକ ଭାଷାର ପ୍ରୟୋଗ କରିବାରେ ସୀମା ଲଂଘନ କରିସାରିଛନ୍ତି, ଏପରି ଉତ୍କଟ ପରିସ୍ଥିତିରେ ଆମ ଉପରେ ଆହୁରି ଅଧିକ ଦାୟୀତ୍ତ୍ୱ ନ୍ୟସ୍ତ ହୋଇଯାଉଛି ଯେ, ଆମେମାନେ ନିଜର ଉପସାନାକୁ ଆହୁରି ଶୁଦ୍ଧପୁତ କରିବାର ଆବଶ୍ୟକତା ରହିଛି । ଏଥିସହ ବିଶ୍ୱକୁ ଇସଲାମର ବାସ୍ତବିକ ଶିକ୍ଷା ସହିତ ପରିଚିତ ତଥା ଅବଗତ କରାଇବାର ମଧ୍ୟ ଆବଶ୍ୟକତା ରହିଛି । ହଜ଼ରତ୍ ମସିହ୍ ମଉଦ୍ ଅ.ସ କହନ୍ତି : କୁରଆନ୍ ଶରୀଫରେ ଏହା ଉଲ୍ଲିଖିତି ରହିଛି ଯେ, **"ଉଦ୍ଉହୁ ମୁଖଲସିନା ଲହୁଦ୍ ଦୀନା"** ଅର୍ଥାତ୍ ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ଉଚିତ୍ ଏବଂ ତାଙ୍କରି ଉପକାରର ବହୁଳଭାବରେ ଅଧ୍ୟୟନ୍ କରିବା ଉଚିତ୍ । ପ୍ରକୃତ ପକ୍ଷରେ ଉପସାନାର ନୀତିଗତ ସାରାଂଶ ଏହିକି ଯେ, ନିଜକୁ ଏପରିଭାବେ ସଳଖ କରିବା ଦରକାର ଯେପରିକି ଭକ୍ତ ଈଶ୍ୱରଙ୍କୁ ନିଜ ସମ୍ମୁଖରେ ଦେଖୁଅଛି କିମ୍ବା ଈଶ୍ୱର ଭକ୍ତଙ୍କୁ ଦେଖୁଛନ୍ତି । ଭକ୍ତ ପ୍ରତ୍ୟେକ ପ୍ରକାରର ମିଶ୍ରିତ ଶିର୍କ୍ (ଈଶ୍ୱରଙ୍କ ସହ ଅନ୍ୟକୁ ସମକକ୍ଷ କରିବା) ଠାରୁ ନିଜକୁ ନିବୃତ୍ତ ରଖି ସେହି ଏକ ଈଶ୍ୱରଙ୍କର ମହିମା ଏବଂ ତାହାଙ୍କର ଈଶ୍ୱରତ୍ୱ ପ୍ରତି ସଚେତିତ ରହୁ । ପୁନଶ୍ଚ ମସିହ୍ ମଉଦ୍ ଅ.ସ କହିଲେ ଯେ, ଅଦ୍ଇୟା ମାସୁରା ଅର୍ଥାତ୍ ସେହି ପ୍ରାର୍ଥନା ଯେଉଁ ପ୍ରାର୍ଥନାଗୁଡ଼ିକ ଆଁହଜ଼ରତ୍ ସ.ଅଙ୍କ ଠାରୁ ଉଦ୍ଧୃତ ଅଟେ ତାକୁ ଏବଂ ଅନ୍ୟ ପ୍ରାର୍ଥନା ଗୁଡ଼ିକୁ ଈଶ୍ୱରଙ୍କ ଠାରୁ ବହୁଳ ରୂପେ ଭିକ୍ଷା କରିବା ଉଚିତ୍ । ମନୁଷ୍ୟ ବା ଭକ୍ତ ଈଶ୍ୱରଙ୍କ ଠାରୁ ସର୍ବଦା କ୍ଷମାଭିକ୍ଷା ବା କ୍ଷମାଯାଚନା କରିବା ଉଚିତ୍ ଏବଂ ବାରମ୍ବାର ନିଜର ଦୋଷ ଦୁର୍ବଳତାକୁ ଈଶ୍ୱରଙ୍କ ଆଗରେ ପରିପ୍ରକାଶ କରିବା ଉଚିତ୍ । କାରଣ ଏହା ଦ୍ୱାରା ଆତ୍ମାର ଶୁଦ୍ଧି ହେବା ସଙ୍ଗେସଙ୍ଗେ ଈଶ୍ୱରଙ୍କ ସହିତ ନିଷ୍ଠାମୂଳକ ସଂପର୍କ ସ୍ଥାପନ ହୋଇଥାଏ । ଭକ୍ତ ସେହି ଈଶ୍ୱରଙ୍କ ପ୍ରେମରେ ନିଜକୁ ହଜାଇ ଦେଉ । ସେହିପରି ହଜ଼ରତ୍ ଅମିରୁଲ୍ ମୁମିନିନ୍ ଅ.ବ କହିଲେ କି ଆମମାନଙ୍କୁ ସର୍ବଦା

ନିଜର ଆତ୍ମସମୀକ୍ଷା କରିବା ଉଚିତ୍ ଏବଂ ନିଜକୁ ସଂଶୋଧନ କରିବା ଉଚିତ୍ । କାରଣ ଛୋଟ ଛୋଟ ଏବଂ ସାମାନ୍ୟ କଥାକୁ ନେଇ ଆମମାନଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଏବଂ ଅଶାନ୍ତି ପରି ସମସ୍ୟାମାନ ଦେଖା ଦେଇଥାଏ ଉପରୋକ୍ତ କଥା ଗୁଡ଼ିକ ଉକ୍ତ ସମସ୍ୟାକୁ ଦୂର କରିବାରେ ସହାୟକ ହେବ । ସେହିପରି ଆମମାନଙ୍କୁ ଓଷାକୁ ନିଷ୍ଠାର ସହିତ ପାଳନ କରିବା ଉଚିତ୍ । ସୁତରାଂ ଅଲ୍ଲାଃତାଲାଙ୍କ ପ୍ରତି ନିଷ୍ଠା ମନୋଭାବ ପୋଷଣ କରି ତାଙ୍କର ଉପସାନାକୁ ସଠିକ୍ ରୂପେ ପାଳନ କରିବା ଉଚିତ୍ । ପୁନଶ୍ଚ ତାଙ୍କର ଆଦେଶାବଳୀଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ଉଚିତ୍ । ସେହିପରି ଅନ୍ୟ ଏକ ଅବସରରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ କହନ୍ତି ଯେ, ବର୍ତ୍ତମାନ ଯାହାକୁ ଇସଲାମ୍ କୁହାଯାଉଛି ତାହାର ସଂଜ୍ଞାରେ ମଧ୍ୟ ପରିବର୍ତ୍ତନ ବା ତାରତମ୍ୟ ଦେଖାଦେଇଛି । ସମସ୍ତ ନିକୃଷ୍ଟୀୟ ସଦାଚାର ବା ସଦବ୍ୟବହାର ଚତୁର୍ଦିଗରେ ବ୍ୟାପି ଯାଇଛି ଏବଂ ସେହି ସଦାଚାର ଯାହାର ଚର୍ଚ୍ଚା **"ମୁଖଲସିନା ଲହୁଦ୍ ଦୀନା"**ରେ ହୋଇଥିଲା । ତାହା ଆକାଶ ଉପରକୁ ଚାଲିଯାଇଛି ଅର୍ଥାତ୍ ନିଶ୍ଚିହ୍ନ ହୋଇଯାଇଛି, ତାହାର କୌଣସି ଅସ୍ତିତ୍ୱ ମଧ୍ୟ ଦେଖିବାକୁ ମିଳୁ ନାହିଁ । ଈଶ୍ୱରଙ୍କ ସହିତ ନିଷ୍ଠା ଓ ବିଶ୍ୱସ୍ତତାର, ପ୍ରେମ ଓ ଭକ୍ତିର ଯେଉଁ ସଂପର୍କ ଥିଲା ତାହା ସଂପୂର୍ଣ୍ଣରୂପେ ନିଶ୍ଚିହ୍ନ ହେବାକୁ ବସିଛି । ବର୍ତ୍ତମାନ ଅଲ୍ଲାଃତାଲା ଏହା ସ୍ଥିର କରିଛନ୍ତି କି ସେହି ସମସ୍ତ ସଦାଚାର ତଥା ଚାରିତ୍ରିକ ଶକ୍ତିଗୁଡ଼ିକୁ ପୁନର୍ବାର ଉଜ୍ଜୀବିତ କରାଯାଉ ।

ପୁନଶ୍ଚ ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ ଯେ, ସାଂପ୍ରତିକ ଯୁଗଟି କପଟ, ଅହଙ୍କାର, ଆତ୍ମପ୍ରଶଂସା, ଗର୍ବ ଆଦି ଅବଗୁଣଗୁଡ଼ିକ ବୃଦ୍ଧି କରିଚାଲିଛି । ଈଶ୍ୱରଙ୍କ ଉପରେ ଭରସା ଓ ନିଜକୁ ଈଶ୍ୱରଙ୍କ ହସ୍ତରେ ହସ୍ତାନ୍ତର କରିବା ଆଦି କଥାଗୁଡ଼ିକ ସଂପୂର୍ଣ୍ଣଂ ରୂପେ ନିଶ୍ଚିହ୍ନ ହୋଇଯାଇଛି । ଅତଃ ଈଶ୍ୱର ଏହା ଚାହିଁଛନ୍ତି ଯେ, ଉକ୍ତ ଐଶ୍ୱରିକ ବିଶେଷତାଗୁଡ଼ିକର ବୀଜରୋପଣ ହେଉ । ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଏହି ବୀଜରୋପଣ ପ୍ରକ୍ରିୟା ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ହିଁ ସଂଘଟିତ ହୋଇଛି ଏବଂ ଅଲ୍ଲାଃତାଲାଙ୍କର ଏହି ଅଭିପ୍ରାୟ ଯେ, ଉପରେ ବର୍ଣ୍ଣିତ ନିଶ୍ଚିହ୍ନ ହୋଇଯାଇଥିବା ସଦ୍‌ଗୁଣଗୁଡ଼ିକର ପୁନର୍ରୁଦ୍ଧାର ଏବଂ ପୁନର୍ଜୀବିତ କରିବା ପ୍ରକ୍ରିୟା ଏବଂ ନିଜର ଉପାସନା ପଦ୍ଧତିକୁ ଶୁଦ୍ଧକରିବାର ଆବଶ୍ୟକତା ରହିଛି । ଭବିଷ୍ୟତରେ ଆମେମାନେ ସେହି ବୀଜରୋପଣ ପ୍ରକ୍ରିୟାରୁ ଜନ୍ମିତ ଚାରାଗଛ ତଥା ଉଦ୍ଭିଦର ଶାଖାରେ ପରିଣତ ହେବୁ ଏବଂ ଆମେମାନେ ତାହ ସେତେବେଳେ କରିପାରିବା ଯେତେବେଳେ ଆମେମାନେ ନିଜର ଉପାସନାକୁ କେବଳ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ହିଁ ସମର୍ପିତ କରିବା । ସୁତରାଂ ଆମେମାନେ ଅନ୍ୟମାନଙ୍କର ଦୋଷଦୁର୍ବଳତାକୁ ଦେଖି ନିଜକୁ ସଂଶୋଧିତ କରିବାକୁ ଉଦ୍ୟମ କରିବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କର କରୁଣା ଓ କୃପା ଅନ୍ୟ ସାଂସାରିକ ମୋହମାୟା ତୁଳନାରେ ପରିବ୍ୟାପ୍ତ ହେଉ । ଏକ ଅବସରରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ ଯେ, କର୍ମ ନିମନ୍ତେ ନିଷ୍ଠାର ସର୍ତ୍ତ ରହିଛି । ସୁତରାଂ ଯଦି ବାହ୍ୟିକ କର୍ମ ଥାଏ ଏବଂ ତହିଁରେ ନିଷ୍ଠା ନଥାଏ ଓ ଅଲ୍ଲାଃତାଲାଙ୍କର କୃପା ଲାଭ କରିବାର ଅଭିପ୍ରେତ ନାହିଁ ତେବେ ଅଲ୍ଲାଃତାଲାଙ୍କ ନିକଟରେ ଏପରି କର୍ମାଚରଣ ପ୍ରଦର୍ଶନ କରିବା ଆଦୌଁ ଗ୍ରହଣୀୟ ନୁହେଁ ।

ପୁନଶ୍ଚ ଏକ ସ୍ଥଳରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ କହିଲେ ଯେ, ସ୍ୱଷ୍ଟ ହେଉ ଯେ, କୁରଆନ୍ ଶରୀଫ୍ ଅନୁଯାୟୀ ସ୍ୱାଭାବିକ ପ୍ରକୃତି ବା ଅବସ୍ଥା ଚାରିତ୍ରିକ ତଥା ଆଧ୍ୟାତ୍ମିକ ଅବସ୍ଥା ସହିତ ଅତ୍ୟନ୍ତ ଘନିଷ୍ଠ ସଂପର୍କ ସ୍ଥାପନ ହୋଇଥାଏ । ଏପର୍ଯ୍ୟନ୍ତକି ମନୁଷ୍ୟର ଖାଦ୍ୟ ପାନୀୟର ଶୈଳୀ ମଧ୍ୟ ମନୁଷ୍ୟର ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ଅବସ୍ଥା ଉପରେ ପ୍ରଭାବ ପକାଇଥାଏ । ହୁଜୁର୍ ଅ.ସ କହନ୍ତି ଯେ, ଯଦି ଉକ୍ତ ମାନବୀୟ ସ୍ୱଭାବୀୟ ସୁଲଭ ପ୍ରକୃତିକୁ ଯଦି ଇସଲାମୀୟ ଆଇନ ଅନୁଯାୟୀ ବିନିଯୋଗ କରାଯାଏ ତେବେ ଯେପରି ଲବଣର ଖଣିରେ ପ୍ରତ୍ୟେକ ବସ୍ତୁ ପଡ଼ି ଲବଣ ଯୁକ୍ତ ବା ଲୁଣିଆ ହୋଇଯାଏ । ଠିକ୍ ସେହିପରି ଉପରୋକ୍ତ ସମସ୍ତ ଅବସ୍ଥା ଗୁଡ଼ିକ ସଦାଚାରରେ ପରିଣତ ହୋଇଥାଏ । ପୁନଶ୍ଚ ହୁଜୁର୍ ଅ.ସ ଏହା ମଧ୍ୟ କହିଛନ୍ତି ଯେ, ମନୁଷ୍ୟର ଆଧ୍ୟାତ୍ମିକ ଅବସ୍ଥାକୁ ସୁଦୃଢ କରିବା ପାଇଁ ବାହ୍ୟିକ ଖାଦ୍ୟ ମଧ୍ୟ ପ୍ରଭାବ ପକାଇଥାଏ । ସୁତରାଂ ସର୍ବଦା ସନ୍ତୁଳିତ ଆହାର ଖାଇବା ଉଚିତ୍ । କାରଣ ସନ୍ତୁଳିତ ଆହାର ଖାଇବା ଦ୍ୱାରା ମନୁଷ୍ୟର ଚରିତ୍ର ମଧ୍ୟ ସନ୍ତୁଳିତ ହେବା ସଙ୍ଗେସଙ୍ଗେ ଅଲ୍ଲାଃତାଲାଙ୍କର ଉପାସନା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ ହୋଇଥାଏ । ଅଲ୍ଲାଃତାଲା କହନ୍ତି **"ୱ କୁଲୁ ୱଶ୍ରବୁ ୱଲା ତୁସରଫୁ "** ଅର୍ଥାତ୍ ନିଃସନ୍ଦେହ ତୁମେ ଖାଅ ପିଅ କିନ୍ତୁ ଖାଦ୍ୟ ପେୟରେ ମଧ୍ୟ ଅଯଥା କୌଣସି ଆଧିକ୍ୟ କିମ୍ବା ନ୍ୟୁନତା ଅବସ୍ଥା ଆଣିବା ଅନୁଚିତ୍ । କାରଣ ଏହା ଯୋଗୁଁ ମଧ୍ୟ ସନ୍ତୁଳନ ବିଗିଡ଼ି ଯାଇଥାଏ ଏବଂ ପୁନଶ୍ଚ ଏହାର ପ୍ରଭାବ ଆଧ୍ୟାତ୍ମିକ ଅବସ୍ଥା ଉପେରେ ପଡ଼ିଥାଏ । ସୁତରାଂ ଜଣେ ନୈଷ୍ଠିକ ଭକ୍ତ ଯିଏକି ଅଲ୍ଲାଃତାଲା ପାଇଁ ନିଜକୁ ସଂପୂର୍ଣ୍ଣ ରୂପେ ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କର ଉପାସନା କରିଥାଏ ସେ କେବଳ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ସୁଦୃଢ କରି ନଥାଏ ଓ ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କ ସ୍ଥାନ କରି ନଥାଏ ବରଂ ସେ ନିଜର ଶାରୀରିକ ଅବସ୍ଥାକୁ ସୁଦୃଢ କରିଥାଏ ଓ ଅଲ୍ଲାଃତାଲାଙ୍କର ପ୍ରଦତ୍ତ ପୁରସ୍କାରଗୁଡ଼ିକର ବନିଯୋଗ ମଧ୍ୟ ଅଲ୍ଲାଃତାଲାଙ୍କ କରୁଣା ଏବଂ କୃପା ଲାଭ ପ୍ରାପ୍ତ କରିବା ପାଇଁ ପ୍ରଯତ୍ନ କରିଥାଏ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଏଠାରେ ଜମାଅତର କେନ୍ଦ୍ର ସ୍ଥାପନ କରିବା ସହିତ୍ ଆମମାନଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଦିଗରେ ଯେଉଁଠି ନିଜର ଉପାସନାର ସ୍ତରକୁ ବୃଦ୍ଧି କରିବାକୁ ପଡ଼ିବ ସେଠାରେ ନିଜର ଚାରିତ୍ରିକ ଆଚରଣକୁ ମଧ୍ୟ ସୁସଜ୍ଜିତ

କରିବାକୁ ପଡ଼ିବ । ବିଶେଷ କରି ସେହି ନୂତନ ପରିସ୍ଥିତିରେ ଯେତେବେଳେ ଏହି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଏକ ନୂତନ ଦୃଷ୍ଟିକୋଣାନୁଯାୟୀ ଆମ ଉପରେ ନଜର ପଡ଼ିବ । ତେଣୁ ଆମମାନଙ୍କୁ ମଧ୍ୟ ଇସଲାମର ସୌନ୍ଦର୍ଯ୍ୟମୟୀ ଶିକ୍ଷାକୁ ନିଜର କଥନ ଏବଂ କର୍ମାଚରଣ ଦ୍ୱାରା ଉକ୍ତ ଦୃଷ୍ଟିକୋଣାନୁଯାୟୀ ପୂର୍ବାପେକ୍ଷା ଅଧିକ  ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି । ଯଦି ଆମେମାନେ ଉକ୍ତ କଥାକୁ ନିଜ ଦୃଷ୍ଟି ସମ୍ମୁଖରେ ରଖି ଜୀବନ ଅତିବାହିତ କରିବା ତେବେ ଏହା ଆମାମାନଙ୍କ ପାଇଁ ତବଲିଗ୍ (ପ୍ରଚାରର)ର ମାଧ୍ୟମ ପାଲଟିଯିବ ଏବଂ ତାହା ହିଁ ଆମମାନଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞ ବ୍ୟକ୍ତ ଓ ଭକ୍ତିରେ ପରିଣତ କରି ଅଲ୍ଲାଃତାଲାଙ୍କର କରୁଣା ଓ କୃପା ଲାଭ କରିବାର ଅଧିକାରୀ ରୂପେ ବିବେଚିତ କରାଇବ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଏଠାରେ ଏହି କଥାକୁ ସ୍ମରଣ ରଖିବାର ଆବଶ୍ୟକତା ରହିଛି ଯେ, କେତେକ ଲୋକମାନେ ନିଜର ପଡ଼ୋଶୀ ଏବଂ ଏବଂ ଘର ବାହାରେ ସାକ୍ଷାତ୍ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କ ସଦ୍-ବ୍ୟବହାର ପ୍ରଦର୍ଶନ କରନ୍ତି । କିନ୍ତୁ ନିଜ ପରିବାରରେ ଥିବା ସ୍ତ୍ରୀ ଏବଂ ପିଲାଛୁଆଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରନ୍ତି ନାହିଁ । ତେଣୁ ସେମାନଙ୍କର ତାହା ବ୍ୟକ୍ତିଗତ ଆଚରଣ ନୁହେଁ । କାରଣ ଏହି କଥାଗୁଡ଼ିକ ଜମାଅତର ସଂହତି ଏବଂ ଶାନ୍ତି ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ । ଘରର ଅଶାନ୍ତିମୂଳକ ପରିବେଶ ଛୋଟ ପିଲାମାନଙ୍କ ଉପରେ କୁପ୍ରଭାବ ପକାଇଥାଏ ଏବଂ ପିଲମାନେ ଭବିଷ୍ୟତରେ ଜମାଅତର ଏକ ଉତ୍ତମ ଅଙ୍ଗ ବା ଅଂଶ ସାବ୍ୟସ୍ତ ହେବା ପରିବର୍ତ୍ତେ ଜମାଅତ୍ ଏବଂ ଧର୍ମ ଠାରୁ ଦୂରେଇ ଯାଇଥାଆନ୍ତି । ସୁତରାଂ ଇସଲାମର ପ୍ରଚାର କରିବା ପାଇଁ ଏବଂ ଧର୍ମକୁ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟର ଅଭିପ୍ରେତ କରିବା ପାଇଁ ଏହା ନିତ୍ୟାନ୍ତ ଆବଶ୍ୟକ ଯେ, ନିଜର ଆଗାମୀ ପିଢୀ ବା ବଂଶଧରଙ୍କର ମଧ୍ୟ ସୁରକ୍ଷା କରାଯାଉ। ଅତଃ ଯେଉଁ ଘରମାନଙ୍କରେ ଏପରି ସମସ୍ୟା ଉପୁଜୁଥାଏ ତେବେ ସେମାନେଙ୍କୁ ନିଜର ଘରର ଶାନ୍ତି ଏବଂ ସଦଭାବ ଏବଂ ସଂହତିକୁ ପୁନଃସ୍ଥାପନ କରିବା ପାଇଁ ମଧ୍ୟ ଚଷ୍ଟା କରିବା ଉଚିତ୍ । ସେହିପରି ଯେଉଁ ମହିଳାମାନଙ୍କ ଠାରେ ସାମାନ୍ୟ କଥାକୁ ନେଇ କ୍ରୋଧାଭାବ ଉତ୍ପନ୍ନ ହୋଇଯାଏ ସେହି ମହିଳାମାନଙ୍କୁ ନିଜର ଶନ୍ତାନମାନଙ୍କର ସଂସ୍କାର ନିମନ୍ତେ ନିଜର ଅବସ୍ଥାକୁ ମଧ୍ୟ ସର୍ବପ୍ରଥମେ ପରିବର୍ତ୍ତନ କରିବାର ତଥା ସୁଧାରିବାର ଆବଶ୍ୟକତା ରହିଛି । ଏହି ପବିତ୍ର ମାସକୁ ଏହି ଦୃଷ୍ଟିକୋଣରୁ ଯଥାଯଥ ଭାବେ ଯଶ୍ୱସୀ କରି ନିଅନ୍ତୁ ଯେ, ନିଜର ଘରକୁ ମଧ୍ୟ ଏହି ପବିତ୍ର ମାସରେ ପୁଣ୍ୟ ଏବଂ ବରକତ୍ ଦ୍ୱାରା ସୁଶୋଭିତ କରିବା ଉଚିତ୍ । ଆମମାନଙ୍କୁ ଆତ୍ମ ସଂଯମ କ୍ଷେତ୍ରରେ ମଧ୍ୟ ଆଗ୍ରସର ହେବା ଉଚିତ୍ । ଧୂର୍ତ୍ତତା, ଛଳନା ଏବଂ ଗର୍ବ ଓ ଅହଙ୍କାର, ଆତ୍ମବଡ଼ିମା ଆଦିରୁ ଦୂରେଇ ରହିବା ଉଚିତ୍ । ଆମ ଉପରେ ଯେତେ ଅଧିକ ଅଲ୍ଲାଃତାଲାଙ୍କ କୃପା ବୃଷ୍ଟି ହେଉଛି ସେତେ ଅଧିକ ଆମମାନଙ୍କୁ ସେହି କଥାଗୁଡ଼ିକୁ ଚିନ୍ତା କରିବା ଦରକାର ଯେ, ଆମମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଲ୍ଲାଃତାଲାଙ୍କର ପ୍ରସନ୍ନତାର ପଥକୁ ଅନ୍ୱେଷଣ କରିବା ଦିଗରେ ଉଦ୍ୟମ କରିବା ଉଚିତ୍ ।

ହୁଜୁର୍ ଅନୱର୍ ଅ.ବ କହିଲେ ଯେ, ଏହି ଧାର୍ମିକ କେନ୍ଦ୍ର ଯାହାକୁ ଅଲ୍ଲାଃତାଲା ଆମମାନଙ୍କୁ ପ୍ରଦାନ କରିଛନ୍ତି ତାହାର ପ୍ରକୃତ ଅଭିପ୍ରାୟ ଏହି ଧର୍ମର ଆବଶ୍ୟକତାକୁ ମେଣ୍ଟାଇବା ଦିଗରେ ବିନିଯୋଗ କରିବା ଉଚିତ୍ । କିନ୍ତୁ ସାଂସାରକିତା ଦୃଷ୍ଟିରୁ ଦେଖିଲେ ଏହା ମଧ୍ୟ ଅଲ୍ଲାଃତାଲାଙ୍କର ଆମ ଉପରେ ଏକ ଉପକାର ଯେ, ସେ ଆମମାନଙ୍କୁ ଉଭୟ ପାର୍ଶ୍ୱ ଅର୍ଥାତ୍ ଧାର୍ମିକତା ଏବଂ ସାଂସାରିକତାର ପୁରସ୍କାର ଦ୍ୱାରା ସମ୍ମାନିତ କରିଛନ୍ତି । ଅତଃ ଆମମାନଙ୍କୁ ଉଭୟ ପକ୍ଷକୁ ଆଖି ଆଗରେ ରଖି ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଅଲ୍ଲାଃତାଲାଙ୍କର ଅସ୍ତିତ୍ୱକୁ ଦେଖାଇବାକୁ ହେଲେ ଆମମାନଙ୍କ ପାଇଁ ଆବଶ୍ୟକ ଯେ, ଆମର କଥନ ଏବଂ କର୍ମ ଏପରି ହେବା ଦରକାର ଯାହା ଅନ୍ୟମାନଙ୍କୁ ପ୍ରଭାବିତ କରିପାରୁଥିବ । ତେଣୁ ଯେକୌଣସି ଦୃଷ୍ଟିକୋଣରୁ ଆମେ ଦେଖୁ ତେବେ ଈଶ୍ୱରଙ୍କ ସମକ୍ଷରେ ଆମେମାନେ ନତ ମସ୍ତକ । କାରଣ ସେ ଆମମାନଙ୍କୁ ଏକ ବସ୍ତି ଅଧ୍ୟୁଷିତ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଏହା ଯେପରି ଏକ କ୍ଷୁଦ୍ର ଜନସଂଖ୍ୟା ଅଟେ । କିନ୍ତୁ ଧାର୍ମିକ କେନ୍ଦ୍ର ଦୃଷ୍ଟିକୋଣରୁ ଏହାର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଅଲ୍ଲାଃତାଲା ଆମମାନଙ୍କୁ ପୃଥିବୀର ସେହି ସ୍ଥଳ ଭାଗରେ ଧାର୍ମିକ କେନ୍ଦ୍ର ସ୍ଥାପନ କରିବାର ସାମର୍ଥ୍ୟ ପ୍ରଦାନ କଲେ ଯେଉଁଠି ଏକେଶ୍ୱର ରୂପୀ ଅଲ୍ଲାଃତାଲାଙ୍କର ଉପାସନା ଠାରୁ ଲୋକମାନେ ସଂପୂର୍ଣ୍ଣ ରୂପେ ନିବୃତ୍ତ ହୋଇ ଦୂରେଇ ଯାଇଥିଲେ ଏବଂ ସେହି ଭୂମିରେ ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରାଯାଉଥିଲା, ସେହି ଭୂମିରେ ଶିର୍କ୍ ବହୁଳ ଭାବରେ ପରିବ୍ୟାପ୍ତ ହୋଇଥିଲା। ଆଜି ଏହି ସ୍ଥାନରୁ ଏକ ନୂତନ ସଂକଳ୍ପ ନେଇ ଏକେଶ୍ୱରବାଦର ପ୍ରଚାର ନିମନ୍ତେ ପ୍ରଚେଷ୍ଟା କରନ୍ତୁ ଏବଂ ଆଁହଜରତ୍ ସ.ଅଙ୍କର ନିଷ୍ପାପର ଦାସ ବା ସେବକଙ୍କର ମିଶନକୁ ପୂର୍ଣ୍ଣ କରିବା ପାଇଁ ଉଦ୍ୟମ କରନ୍ତୁ । ପୁନଶ୍ଚ ସେହି ଦିବସର ଆଗମନ ହେବାକୁ ଅଛି ଯେତେବେଳେ କି ଗ୍ରାମ୍ୟମାନଙ୍କରୁ ଗ୍ରାମ୍ୟ ଯାଏଁ ଏବଂ ସହରରୁ ସହର ଯାଏଁ ସମସ୍ତେ ସେହି ଏକେଶ୍ୱରୂପୀ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦାର ଘୋଷଣା କରୁଥିବେ ଏବଂ ଆଜି ଯେଉଁ ଲୋକମାନେ ଆଁହଜରତ୍ ସ.ଅଙ୍କ ବିରୁଦ୍ଧରେ ଯାଚ୍ଛା ନିଜ ତୁଣ୍ଡରୁ ତାହା କହି ଯାଉଛନ୍ତି । ଈଶ୍ୱର କରନ୍ତୁ କି  ସେମାନେ ଆଁହଜରତ୍ ସ.ଅଙ୍କ ବିରୁଦ୍ଧରେ ଏଭଳି ମନ୍ତବ୍ୟ ତଥା ଅପଶବ୍ଦ ପ୍ରୟୋଗ କରିବା ଅପେକ୍ଷା ଆଁହଜରତ୍ ସ.ଅଙ୍କ ଧ୍ୱଜା ତଳେ ଆଶ୍ରୟ ନେଇ ନିଜକୁ ଗର୍ବିତ ମନେ କରନ୍ତୁ ଏବଂ ଆଁହଜରତ୍ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କରନ୍ତୁ । ସୁତରାଂ ଏହା ପ୍ରତ୍ୟେକ ଅହମଦିର କର୍ତ୍ତବ୍ୟ ଅଟେ ଯେ, ସେ ଯଥାସମ୍ଭବ ପ୍ରାର୍ଥନା ଦ୍ୱାରା ଉପସ୍ଥିତ ଖଲିଫାଙ୍କର ସାହାଯ୍ୟ କରୁ । ପୂର୍ବ ଖଲିଫାମାନେ ପବିତ୍ର ରମଜାନ୍ ମାସରେ ମସଜିଦର ଶୁଭୋଦଘାଟନ କରିଥିଲେ କି ନାହିଁ ମୋତେ ଏହା ଜ୍ଞାତ ନାହିଁ । କିନ୍ତୁ ମୋ

ସମୟରେ ଏହା ପ୍ରଥମ ଅବସର ଯେ, ଅଲ୍ଲାଃତାଲା ଏହି ପବିତ୍ର ରମଜ଼ାନ୍ ମାସରେ ମୋତେ ମସଜିଦର ଶୁଭୋଦଘାଟନ କରିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସୁତରାଂ ଏହି ପବିତ୍ର ମଙ୍ଗଳମୟ ମାସରେ ତଥା ପ୍ରାର୍ଥନା ସ୍ୱୀକୃତ ମାସରେ ସଠିକ୍ ରୂପେ ଲାଭାବାନ୍ ହେବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହି ସ୍ଥଳ ଭାଗରେ ଅହମଦିୟତର ଉନ୍ନତି ଓ ବିକାଶ ତଥା ମସଜିଦ୍ ସ୍ଥାପନର ଅଭିପ୍ରାୟକୁ ପୂର୍ଣ୍ଣ କରି ଅଲ୍ଲାଃତାଲାଙ୍କ ନିକଟରେ ଆକୁଳ ନିବେଦନ ଓ ପ୍ରାର୍ଥନା କରନ୍ତୁ । କେନ୍ଦ୍ରର ସଂପ୍ରସାରଣ ଲାଗି ରହୁ ଏବଂ ଏହାର ଆଖପାଖରେ ଅହମଦିୟା ଜନବସିତି ଗଢିଉଠୁ । ଆମେମାନେ ଲୋକମାନଙ୍କର ଇସଲାମ୍ ଧର୍ମରେ ଦୀକ୍ଷିତ ହେବାର ସ୍ୱପ୍ନକୁ ସାକାର ହେଉଥିବାର ଦୃଶ୍ୟ ଦେଖିବାରେ ଯେପରି ସକ୍ଷମ ହୋଇପାରୁ । ଶତ୍ରୁର ସମସ୍ତ ମନ୍ଦ ଉଦ୍ଦେଶ୍ୟ ଏବଂ ଯୋଜନାକୁ ଆମେ ପଣ୍ଡ ହେଉଥିବା ଦେଖିବୁ । ରବୱା ଯିବାର ପଥ ମଧ୍ୟ ସୁଗମ ଓ ଉନ୍ମୁକ୍ତ ହେଉ ଏବଂ କାଦିୟାନ୍ ଯାହାକି ମସିହ୍ ମଉଦ୍ ଅ.ଙ୍କର ସିଂହାସନ ଅଟେ ସେଠାକୁ ଫେରିବାର ପଥ ମଧ୍ୟ ସୁଗମ ଏବଂ ଉନ୍ମୁକ୍ତ ହେଉ । ସେହିପରି ମକ୍କା ମଦିନା ଯିବାର ପଥ ମଧ୍ୟ ସୁଗମ ତଥା ଉନ୍ମୁକ୍ତ ହେଉ । ଆମିନ୍ । କାରଣ ତାହା ଆମର ପ୍ରିୟ ସ୍ୱାମୀ ଓ ମିତା (ଆଜ୍ଞାପାଳକ) ହଜ଼ରତ୍ ମୁହମ୍ମଦ୍ ମୁସ୍ତଫା ସ.ଅଙ୍କର ବସ୍ତି ଅଟେ ଏବଂ ତାହା ଇସଲାମୀୟ ସାର୍ବକାଳିକ ତଥା ଚୀରସ୍ଥାୟୀ ଆନ୍ତର୍ଜାତିକ କେନ୍ଦ୍ର ଅଟେ ଏବଂ ଇସଲାମର ପ୍ରକୃତ ବାର୍ତ୍ତା ସେହି ଲୋକମାନଙ୍କ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚୁ । ସେମାନେ ଆଁହଜ଼ରତ୍ ସ.ଅଙ୍କର ସଚ୍ଚା ସେବକଙ୍କର ପୁଷ୍ଟି କରନ୍ତୁ । ଅଜ୍ଞାନତା ତଥା ମୂର୍ଖତା ଯୋଗୁଁ ବୈରାଗ୍ୟ ଏବଂ ଶତ୍ରୁତା ମନୋଭାବ ରଖୁଥିବା ବ୍ୟକ୍ତିଙ୍କର ଚକ୍ଷୁକୁ ଅଲ୍ଲାଃତାଲା ଉନ୍ମୁକ୍ତ କରନ୍ତୁ । ଯେଉଁମାନେ ଉପଦ୍ରବକୁ ଭିତ୍ତି କରି ନିଜର ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ସାଧାରଣ ମୁସଲମାନ ଜନତାଙ୍କ ହୃଦୟରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ ଓ ତାଙ୍କର ଆନୁଗତ୍ୟ ସ୍ୱୀକାର କରିଥିବା ଅହମଦିମାନଙ୍କ ବିରୁଦ୍ଧରେ ବିଦ୍ୱେଷାଭାବ ଉତ୍ପନ୍ନ କରୁଥିବା ଉପଦ୍ରବକାରୀଙ୍କ କବଳିତ ହେବା ପାଇଁ ଅଲ୍ଲାଃତାଲା ଯଥାଶୀଘ୍ର ସାଧନ ଉପଲବ୍ଧ କରନ୍ତୁ । ସେହିପରି ମୁସଲମାନମାନେ ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ଏକତ୍ରିତ ହୋଇ ଏକ ଉମ୍ମତରେ ପରିଣତ ହୋଇ ଇସଲାମର ପ୍ରକୃତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ପାଇଁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଶୀଘ୍ର ଶୀଘ୍ର ଅଣମୁସଲମାନମାନେ ମଧ୍ୟ ଇସଲାମୀୟ ଧ୍ୱଜା ତଳକୁ ଆସିଯାଆନ୍ତୁ ।

ହୁଜ଼ୁର୍ ଅନୱର୍ ଅ.ବ ମସଜିଦର ନିର୍ମାଣ ସଂପର୍କିତ ଯୋଜନାମୂଳକ ବିବରଣୀ ଉପସ୍ଥାପନ କରି କହିଲେ ଯେ, ଅଲ୍ଲାଃତାଲାଙ୍କ କୃପାରୁ ଏହି ମସଜିଦ୍ ଏବଂ ଏହାକୁ ସଂଲଗ୍ନ ହୋଇ ରହିଥିବା ହଲ୍ (ପ୍ରଶସ୍ତ କକ୍ଷ)ର କ୍ଷମତା ୨୦୦୦ରୁ ଉର୍ଦ୍ଧ୍ୱ ନମାଜ୍ ପାଠକାରୀଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ହୁଜ଼ୁର୍ ଅ.ବ ମସଜିଦର ନିର୍ମାଣ ଓ ସାଜ ସଜ୍ଜା ଆଦି କାର୍ଯ୍ୟରେ ପ୍ରତ୍ୟେକ୍ଷ ରୂପେ ସେବା କରିଥିବା ଜମାଅତର ଲୋକମାନଙ୍କ ପାଇଁ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ ଏବଂ କହିଲେ ଯେ, ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟୁପକାର ପ୍ରଦାନ କରନ୍ତୁ । ପୁନଶ୍ଚ କହିଲେ ଯେ, ଏହି ଯୋଜନା ପାଇଁ ଲୋକମାନଙ୍କୁ କୌଣସି ଉତ୍ସାହିତ ବା ପ୍ରବର୍ତ୍ତାଯାଇ ନଥିଲା । କିନ୍ତୁ ଏକ ବ୍ୟାପକ ଯୋଜନା ରହିଥିଲା । ଏଥିସହ ଅନ୍ୟ ରାଷ୍ଟ୍ରରେ ମଧ୍ୟ ଯୋଜନା ଚାଲିଥିଲା । ବେଳେବେଳେ ମୋତେ ଏହା ଭୟ ଲାଗୁଥିଲା ଏବଂ ମୁଁ ଚିନ୍ତିତ ଥିଲି ଯେ, ଏହି ଯୋଜନଟି ସ୍ଥଗିତ ନହୋଇଯାଉ । କିନ୍ତୁ ଅଲ୍ଲାଃତାଲା ନିଜର କୃପା କରିଦେଉଥିଲେ ଏବଂ ସମସ୍ତ ଯୋଜନା ସଂପୂର୍ଣ୍ଣ ହୋଇ ଯାଉଥିଲା । ସୁତରାଂ ଆମେ ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଠାରୁ କୃପା ଭିକ୍ଷା କରୁଥିବୁ ସେପର୍ଯ୍ୟନ୍ତ ଅଲ୍ଲାଃତାଲା ନିଜର କୃପା ଆମମାନଙ୍କ ଉପରେ ଅବତୀର୍ଣ୍ଣ କରି ଚାଲୁଥିବେ । ଆମେ ତାଙ୍କ ଆଦେଶ ପାଳନ କରିବା ଫଳରେ ସେ ଆମ ଉପରେ ପ୍ରସନ୍ନ ହୋଇ ନିଜର କୃପା କରି ଚାଲୁଥିବେ । ଅଲ୍ଲାଃତାଲା ଆମମାନଙ୍କୁ ଏପରି କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜ଼ୁର୍ ଅନୱର୍ ଅ.ବ କହିଲେ ଯେ, ସାଧାରଣରୂପେ ଅଲ୍ଲାଃତାଲା ଜମାଅତକୁ ଯେଉଁ ଅର୍ଥ ବଳିଦାନ କରିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ସେହି ତ୍ୟାଗ ଯୋଗୁଁ ଆଜି ସମସ୍ତ ଯୋଜନା ସାକାର ହୋଇପାରିଛି ଏବଂ ଆଗାମୀ ମଧ୍ୟ ସାକାର ହେବ । **ଇନ୍ଶାଅଲ୍ଲାଃ** । ଅଲ୍ଲାଃତାଲା ଜମାଅତର ପ୍ରତ୍ୟେକ ବର୍ଗଙ୍କର ଆର୍ଥିକ ସାମର୍ଥ୍ୟକୁ ସୁଦୃଢ ଓ ସ୍ୱଚ୍ଛଳ କରି ଚାଲନ୍ତୁ । ଏହି ଦୃଷ୍ଟିକୋଣରୁ ମୁଁ ଏହା କହିପାରିବି ଯେ, ଏହି ଯୋଜନାଗୁଡ଼ିକ ବିନା କୌଣସି ତେହରିକ୍ ଦ୍ୱାରା ସମ୍ଭବପର ହୋଇପାରିଛି । କାରଣ ସାମାନ୍ୟରୂପରେ କହିବାକୁ ଗଲେ ଜମାଅତର ସାମୂହିକ ବଜେଟ୍ ବା ଅଟକଳର ଅଧିକାଂଶ ଭାଗ ଜମାଅତୀୟ ବଜେଟ୍ ଅନ୍ତର୍ଭୁକ୍ତ ଅଟେ । ତେଣୁ ଏଥିରେ ପୃଥିବୀର ସମସ୍ତ ଅହଦମିୟା ଜମାଅତ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ଏଥିରେ କୌଣସି ବିଶେଷତା ନାହିଁ କି କେଉଁ ଜମାଅତ୍ ଅଧିକ ଦେଇଛି ବା କିଏ କମ୍ । ଅଲ୍ଲାଃତାଲା ସମସ୍ତଙ୍କୁ ଏହାର ପ୍ରତିଫଳ ବା ସୁଫଳ ପ୍ରଦାନ କରି ସେମାନଙ୍କ ଧନଜୀବନରେ ଅସାଧାରଣ ବରକତ୍ ପ୍ରଦାନ କରନ୍ତୁ ।

**KHULASA KHUTBA JUMA HUZOOR ANWAR a.b.a**

........................................................

**17th May 2019**